# ଏକପଞ୍ଚାଶତ୍ (୫୧) ଅଧ୍ୟାୟ

**ଉପସଂହାର :** ପଚାଶତମ ଅଧ୍ୟାୟ ଶେଷ ହେଲା ଏବଂ ଏବେ ଅନ୍ତିମ ଅଧ୍ୟାୟ ଆଗତ ହେଲା । ହେମାଡପନ୍ତ ଗ୍ରନ୍ଥର ପରିସମାପ୍ତି କରିଛନ୍ତି ଏବଂ ଏହି ଅଧ୍ୟାୟ ଶେଷରେ ସୂଚୀପତ୍ର ଲେଖିବାକୁ କଥା ଦେଇଛନ୍ତି, ଯେଉଁପରି କି ଅନ୍ୟ ମରାଠି ଧର୍ମଗ୍ରନ୍ଥଗୁଡ଼ିକରେ ବିଷୟ ଶେଷରେ ସୂଚୀ ଲେଖାଯାଇଥାଏ । ମାତ୍ର ଦୁର୍ଭାଗ୍ୟବଶତଃ ହେମାଡପନ୍ତଙ୍କର କାଗଜପତ୍ର ବହୁ ଖୋଜାଖୋଜି କରିବା ପରେ ମଧ୍ୟ ସେହି ସୂଚୀପତ୍ର ମିଳିଲା ନାହିଁ । ତାପରେ ବାବାଙ୍କର ଜଣେ ଯୋଗ୍ୟ ତଥା ଧର୍ମପ୍ରାଣ ଭକ୍ତ ଥାନେର ଅବସରପ୍ରାପ୍ତ ମାମଲତଦାର ବି.ଭି. ଦେବ ଏହାକୁ ରଚନା କରି ପ୍ରସ୍ତୁତ କଲେ । ଗ୍ରନ୍ଥର ଆରମ୍ଭରେ ବିଷୟସୂଚୀ ଉଲ୍ଲେଖ କରିବା ତଥା ପ୍ରତ୍ୟେକ ଅଧ୍ୟାୟରେ ବିଷୟର ସଂକେତ ଶୀର୍ଷକ ସ୍ୱରୂପ ଲେଖିବା ଆଧୁନିକ ପ୍ରଥା ଅଟେ । ଏଥିପାଇଁ ଅନୁକ୍ରମଣିକା ଦିଆଯାଉନାହିଁ । ଏଣୁ ଏହି ଅଧ୍ୟାୟକୁ ଉପସଂହାର ମନେ କରିବା ଯଥାର୍ଥ ହେବ । ଦୁର୍ଭାଗ୍ୟବଶତଃ ହେମାଡପନ୍ତ ତାଙ୍କର ଲିଖିତ ମୂଳଗ୍ରନ୍ଥକୁ ସଂଶୋଧନ କରି ତାକୁ ପ୍ରକାଶିତ କରିବା ପର୍ଯ୍ୟନ୍ତ ଜୀବିତ ନଥିଲେ । ଯେତେବେଳେ ଏହା ପ୍ରେସକୁ ଛପା ହେବା ପାଇଁ ଗଲା କେତେକ ବିଷୟ ପୂର୍ଣ୍ଣ ହୋଇନଥିବା ତଥା ଠିକଣା ରୂପେ ସଂଯୋଜିତ ହୋଇନଥିବା ଶ୍ରୀ ବି.ଭି. ଦେବ ଦେଖିବାକୁ ପାଇଲେ । ତେବେ ଏଥିରେ କିଛି ପରିବର୍ତ୍ତନ କରିବାର ପ୍ରଶ୍ନ ଉଠୁନଥିଲା, ତେଣୁ ଏହା ଯେମିତି ଥିଲା, ସେମିତି ପ୍ରକାଶ କରାଗଲା ।

**ସଦ୍‌ଗୁରୁ ଶ୍ରୀ ସାଇଙ୍କର ମହାନତା :** ଏବେ ଆମେ ସେହି ସାଇ ସମର୍ଥଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ଏବଂ ତାଙ୍କର ଛାୟାରେ ଆଶ୍ରୟ ନେବା, ଯିଏ ଏହି ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଜଡ଼ ଓ ଚେତନ ପଦାର୍ଥର କର୍ତ୍ତା ଅଟନ୍ତି, ଯିଏ କୌଣସି ଭେଦଭାବ ବିନା ସମସ୍ତ ପ୍ରାଣୀଙ୍କୁ ସମାନ ଭାବରେ ଦେଖନ୍ତି, ଯାହାଙ୍କ ପାଇଁ ସମସ୍ତ ଭକ୍ତ ଏକ । ଯିଏ ସମ୍ମାନ ଓ ଅସମ୍ମାନ, ପସନ୍ଦ ଓ ଅପସନ୍ଦ ରୁଚି ରଖନ୍ତି ନାହିଁ । ଯଦି ଆମେ ତାଙ୍କୁ ସ୍ମରଣ କରିବା ଏବଂ ତାଙ୍କ ନିକଟରେ ଶରଣାଗତ ହେବା, ସିଏ ଆମର ସକଳ ମନୋକାମନା ଏବଂ ଜୀବନର ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବେ ।

ସଂସାରର ଭବସାଗରକୁ ପାର କରିବା ଅତି କଠିନ । ଆଜି କଳୁଷିତ ବିଚାରର ତଟଦେଶରେ ମାୟାମୋହର ଝଡ଼ବାତ୍ୟାରେ ଧୈର୍ଯ୍ୟରୂପକ ବୃକ୍ଷ ଉତ୍ପାଟିତ ହୋଇଯାଇଛି । ଅହଙ୍କାରରୂପକ ବାୟୁର ପ୍ରବଳତାରୁ ହୃଦୟରୂପକ ସମୁଦ୍ରରେ ଘନତୋଫାନ ଉଠିଛି, ଯେଉଁଥିରେ କ୍ରୋଧ ଏବଂ ଘୃଣାରୂପକ ଘଡ଼ିଆଳ ସନ୍ତରଣ କରୁଛନ୍ତି ତଥା ଅହଂଭାବ ଏବଂ ସନ୍ଦେହରୂପକ ନାନା ସଂକଳ୍ପ-ବିକଳ୍ପର ଭଉଁରିରେ ନିନ୍ଦା, ଘୃଣା,

ଈର୍ଷାରୂପୀ ଅଗଣିତ ମତ୍ସ୍ୟ ବିହାର କରୁଛନ୍ତି । ଯଦିଓ ଏହି ସମୁଦ୍ର ଏତେ ଭୟାନକ ତଥାପି ଆମର ସଦ୍‌ଗୁରୁ ସାଇ ମହାରାଜ ସେଥିରେ ଅଗସ୍ତ୍ୟ ସ୍ୱରୂପ ଅଟନ୍ତି । ଏଥପାଇଁ ଭକ୍ତଗଣ କିଞ୍ଚିତମାତ୍ର ଭୟଭୀତ ହେବା ପ୍ରୟୋଜନ ନାହିଁ । ଆମର ସଦ୍‌ଗୁରୁ ନୌକାସମ ଆମକୁ ଏହି ଭୟାନକ ଭବସାଗର ପାର କରାଇନେବେ ।

**ପ୍ରାର୍ଥନା** : ଏବେ ଆମେ ଶ୍ରୀ ସଚ୍ଚିଦାନନ୍ଦ ସାଇ ମହାରାଜଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ହୋଇ ପ୍ରଣିପାତ କରିବା ଏବଂ ତାଙ୍କର ଚରଣଯୁଗଳକୁ ଭିଡ଼ିଧରି ସମସ୍ତ ଭକ୍ତଗଣଙ୍କର ମଙ୍ଗଳ ନିମିତ୍ତ ପ୍ରାର୍ଥନା କରିବା କି 'ହେ ପ୍ରଭୁ ସାଇ ! ଆମ ମନର ଚଞ୍ଚଳତା ଏବଂ ବାସନାକୁ ଦୂର କରିଦିଅ । ହେ ପ୍ରଭୁ ! ତୁମର ଶ୍ରୀଚରଣ ବ୍ୟତିରେକ ଆମର ଅନ୍ୟ କୌଣସି କାମନା ନରହୁ । ତୁମର ଏହି ଚରିତ ଘରେ-ଘରେ ପହଞ୍ଚୁ ଓ ଏହାର ନିତ୍ୟ ପଠନ-ପାଠନ ହେଉ ଏବଂ ଯେଉଁମାନେ ଭକ୍ତି ଓ ଶ୍ରଦ୍ଧାର ସହ ଏହାର ଅଧ୍ୟୟନ କରିବେ ସେମାନଙ୍କର ସକଳ ସଂକଟ ଦୂର ହେଉ ।'



## ।।ଫଳଶ୍ରୁତି ।।

ଶେଷରେ ଏହି ପୁସ୍ତକ ଅଧ୍ୟୟନ ଦ୍ୱାରା ଫଳଶ୍ରୁତି ବିଷୟରେ ଉଲ୍ଲେଖ କରୁଛି । ଏହି ଗ୍ରନ୍ଥ ପଠନ-ପାଠନ ଦ୍ୱାରା ମନୋବାଞ୍ଛିତ ଫଳ ଅବଶ୍ୟ ପ୍ରାପ୍ତି ହେବ । ପବିତ୍ର ଗୋଦାବରୀ ନଦୀରେ ସ୍ନାନ କରି, ଶିରିଡ଼ିର ସମାଧି ମନ୍ଦିରରେ ଶ୍ରୀ ସାଇବାବାଙ୍କର ସମାଧି ଦର୍ଶନ କରିବା ପରେ ଏହି ଗ୍ରନ୍ଥର ପଠନ-ପାଠନ ବା ଶ୍ରବଣ ପ୍ରାରମ୍ଭ କରିବା ଦ୍ୱାରା ତ୍ରିବିଧ ସଂକଟ ଦୂର ହେବ । ସମୟ ସମୟରେ ଶ୍ରୀ ସାଇବାବାଙ୍କ ବିଷୟରେ ଆଳାପ ଆଲୋଚନା କରିବା ଦ୍ୱାରା ଆଧ୍ୟାତ୍ମିକ ଜଗତ ପ୍ରତି ରୁଚି ବୃଦ୍ଧି ପାଇବ ଏବଂ ଯଦି ତୁମେ ଏହି ପ୍ରକାର ନିୟମାନୁସାରେ ତଥା ଶ୍ରଦ୍ଧାପୂର୍ବକ ଅଭ୍ୟାସ କରିବ ତାହେଲେ ତୁମର ସମସ୍ତ ପାପ ନଷ୍ଟ ହୋଇଯିବ । **ଯଦି ପ୍ରକୃତରେ ତୁମେ ଜନ୍ମ ମୃତ୍ୟୁଚକ୍ରରୁ ମୁକ୍ତି ଚାହୁଁଛ ତାହେଲେ ତୁମକୁ ନିତ୍ୟ ସାଇକଥା ପଠନ-ପାଠନ, ସ୍ମରଣ ଏବଂ ତାଙ୍କର ଚରଣରେ ପ୍ରଗାଢ଼ ପ୍ରୀତି ରଖିବାକୁ ହେବ । ସାଇ କଥାରୂପକ ସାଗରକୁ ମନ୍ଥନ କରି ସେଥିରୁ ପ୍ରାପ୍ତ ରତ୍ନକୁ ଅନ୍ୟମାନଙ୍କୁ ବିତରଣ କର, ଯଦ୍ଦ୍ୱାରା ତୁମକୁ ନିତ୍ୟ ନୂତନ ଆନନ୍ଦର ଅନୁଭବ ହେବ ଏବଂ ଶ୍ରୋତାଗଣ ଅଧଃପତନରୁ ରକ୍ଷା ପାଇବେ ।**

ଯଦି ଭକ୍ତଗଣ ଅନନ୍ୟ ଭାବରେ ତାଙ୍କର ଶରଣରେ ଯାଆନ୍ତି ତାହେଲେ ସେମାନଙ୍କର 'ମୁଁ' ଭାବ ନଷ୍ଟ ହୋଇଯାଇ ବାବାଙ୍କ ସହ ଅଭିନ୍ନତା ପ୍ରାପ୍ତ ହେବ, ଯେପରି କି ଚିରସ୍ରୋତା ନଦୀମାନ ଶେଷରେ ସମୁଦ୍ରରେ ଲୀନ ହୁଅନ୍ତି । ଯଦି ତୁମେ ତିନୋଟି ଅବସ୍ଥା ଯଥା ଜାଗୃତି, ସ୍ୱପ୍ନ ଏବଂ ନିଦ୍ରା ମଧ୍ୟରୁ କୌଣସି ଗୋଟିଏ ଅବସ୍ଥାରେ ବି ସାଇଚିନ୍ତନରେ ଲୀନ ହୁଅ ତାହେଲେ ସାଂସାରିକ ଚକ୍ରରୁ ମୁକ୍ତିଲାଭ କରିବ । **ସ୍ନାନ କରି ପ୍ରେମ ଏବଂ ଶ୍ରଦ୍ଧାଯୁକ୍ତ ହୋଇ ଯିଏ ଏହି ଗ୍ରନ୍ଥ ସପ୍ତାହରେ ପଠନ ସମାପ୍ତ କରିବେ ତାଙ୍କର ସମସ୍ତ କଷ୍ଟ ଦୂର ହେବ ଏବଂ ଯିଏ ଏହାର ନିତ୍ୟ ପଠନ କରିବେ, ତାଙ୍କୁ ସମସ୍ତ ଭୟରୁ ଅବଶ୍ୟ ମୁକ୍ତି ମିଳିବ ।**

ଏହାର ଅଧ୍ୟୟନ ଦ୍ୱାରା ପ୍ରତ୍ୟେକଙ୍କୁ ନିଜର ଶ୍ରଦ୍ଧା ଓ ଭକ୍ତି ଅନୁସାରେ ଫଳପ୍ରାପ୍ତି ହେବ । କିନ୍ତୁ ଏହାର ଅଭାବରେ କୌଣସି ଫଳପ୍ରାପ୍ତିର ସମ୍ଭାବନା ନାହିଁ । ଯଦି ତୁମେ ଏହି ଗ୍ରନ୍ଥକୁ ଆଦରପୂର୍ବକ ପଠନ କରିବ ତାହେଲେ ଶ୍ରୀ ସାଇ ପ୍ରସନ୍ନ ହୋଇ ତୁମକୁ ଅଜ୍ଞାନ ଏବଂ ଦାରିଦ୍ର୍ୟର ପାଶରୁ ମୁକ୍ତ କରି ଜ୍ଞାନ, ଧନ ଏବଂ ସମୃଦ୍ଧି ପ୍ରଦାନ କରିବେ । ଯଦି ଏକାଗ୍ରଚିତ୍ତ ହୋଇ ନିତ୍ୟ ଗୋଟିଏ ଅଧ୍ୟାୟ ପାଠ କରିବ, ତାହେଲେ ଅପରିମିତ ସୁଖ ପ୍ରାପ୍ତି ହେବ । ଏହି ଗ୍ରନ୍ଥକୁ ଗୁରୁପୂର୍ଣ୍ଣିମା, ଗୋକୁଳାଷ୍ଟମୀ, ରାମନବମୀ ଏବଂ ବିଜୟାଦଶମୀ ତଥା ଦୀପାବଳି ଦିନ ଅବଶ୍ୟ ପାଠ କରିବା ଉଚିତ । ଯଦି ଧ୍ୟାନପୂର୍ବକ

ତୁମେ କେବଳ ଏହି ଗ୍ରନ୍ଥର ଅଧ୍ୟୟନ କରୁଥିବ ତାହେଲେ ତୁମକୁ ସୁଖ, ସନ୍ତୋଷ ପ୍ରାପ୍ତ ହେବ ଏବଂ ସର୍ବଦା ସାଇ ଚରଣାରବିନ୍ଦର ସ୍ମରଣ ରହିବ ତଥା ଭବସାଗର ପାର ସହଜ ହୋଇଯିବ । ଏହାର ଅଧ୍ୟୟନ ଦ୍ୱାରା ରୋଗୀଙ୍କୁ ସ୍ୱାସ୍ଥ୍ୟ, ନିର୍ଦ୍ଧନଙ୍କୁ ଧନ, ଦୁଃଖୀ ଏବଂ ପୀଡ଼ିତଙ୍କୁ ଶାନ୍ତି ପ୍ରାପ୍ତ ହେବ ତଥା ମନର ସମସ୍ତ ବିକାର ଦୂର ହୋଇ ମାନସିକ ଶାନ୍ତି ଲାଭ ହେବ ।

ପ୍ରିୟ ଭକ୍ତ ଏବଂ ଶ୍ରୋତାଗଣ ! ଆପଣଙ୍କୁ ପ୍ରଣାମପୂର୍ବକ ମୋର ଗୋଟିଏ ନିବେଦନ ଯେ ଯାହାଙ୍କର କଥା ଆପଣ ଏତେଦିନ ଏବଂ ମାସରୁ ଶୁଣିଆସୁଛନ୍ତି, ତାଙ୍କର କଳିକଲୁଷନାଶକାରୀ ମନୋହର ଚରଣକୁ କେବେ ବିସ୍ମୃତ ହେବାକୁ ଦିଅନ୍ତୁନାହିଁ । ଯେଉଁ ଉତ୍ସାହ, ଶ୍ରଦ୍ଧା ଏବଂ ଧ୍ୟାନ ସହକାରେ ଆପଣମାନେ ଏହି କଥାର ପଠନ ଓ ଶ୍ରବଣ କରିବେ, ଶ୍ରୀ ସାଇ ତଦନୁରୂପ ସେବା କରିବାକୁ ଆମକୁ ସଦ୍‌ବୁଦ୍ଧି ପ୍ରଦାନ କରିବେ ।

**ପ୍ରସାଦାର୍ପଣ :**

ଶେଷରେ ଆମେ ଏହି ଗ୍ରନ୍ଥକୁ ସମାପ୍ତ କରି ସର୍ବଶକ୍ତିମାନ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ନିମ୍ନଲିଖିତ କୃପା ଓ ପ୍ରସାଦ ଭିକ୍ଷା କରିବା:-

'ହେ ପରମେଶ୍ୱର ! ପାଠକ ଏବଂ ଭକ୍ତଗଣ ଶ୍ରୀ ସାଇ-ଚରଣରେ ପୂର୍ଣ୍ଣ ଏବଂ ଅନନ୍ୟ ଭକ୍ତି ଲାଭ କରନ୍ତୁ । ଶ୍ରୀ ସାଇଙ୍କର ମନୋହର ସ୍ୱରୂପ ସର୍ବଦା ସେମାନଙ୍କର ନୟନରେ ବାସ କରୁ ଏବଂ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସେମାନେ ଦେବାଧିଦେବ ସାଇ ଭଗବାନଙ୍କର ଦର୍ଶନ କରନ୍ତୁ । ଏବମସ୍ତୁ ।'

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ସପ୍ତମ ବିଶ୍ରାମ)**

ଓଁ ଶ୍ରୀ ସାଇଯଶଃକାୟ ଶିରିଡ଼ିବାସିନେ ନମଃ ।

**ସମାପ୍ତ**

## - ଆରତି -

ଆରତି ସାଇବାବା । ସୌଖ୍ୟଦାତାର ଜୀବା । ଚରଣ ରଜତଲୀ । ଦ୍ୟାବା ଦାସା ବିସାବା, ଭକ୍ତାଂ ବିସାବା । ଆରତି ସାଇବାବା । ଜାଳୁନିଆ ଅନଙ୍ଗ । ସ୍ୱସ୍ୱରୂପୀ ରାହେ ଦଙ୍ଗ । ମୁମୁକ୍ଷୁ ଜନାଂ ଦାବୀ । ନିଜ ଡୋଳା ଶ୍ରୀରଙ୍ଗ । ଆରତି ସାଇବାବା । ।୧ । ଜୟା ମନୀ ଜୈସା ଭାବ । ତୟା ତୈସା ଅନୁଭବ । ଦାବିସୀ ଦୟାଘନା । ଐସି ତୁଝି ହି ମାବ । ଆରତି ସାଇବାବା ।୨ । ତୁମଚେ ନାମ ଧ୍ୟାଁତା । ହରେ ସଂସୃତି ବ୍ୟଥା । ଅଗାଧ ତବ କରଣୀଁ । ମାର୍ଗ ଦାବିସୀ ଅନାଥା, ଦାବିସୀ ଅନାଥା । ଆରତି ସାଇବାବା । ।୩ । କଳିଯୁଗୀ ଅବତାର । ସଗୁଣ ବ୍ରହ୍ମ ସାଚାର । ଅବତୀର୍ଣ୍ଣ ଝାଲାସି । ସ୍ୱାମୀ ଦତ୍ତ ଦିଗମ୍ବର । ଦତ୍ତ ଦିଗମ୍ବର । ଆରତି ସାଇବାବା ।।୪ । ଆଠା ଦିବସାଁ ଗୁରୁବାରୀ । ଭକ୍ତ କରିତି ବାରୀ । ପ୍ରଭୁପଦ ପହାବୟା । ଭବ ଭୟ ନିବାରି । ଭୟ ନିବାରି । ଆରତି ସାଇବାବା ।।୫ । ମାଝା ନିଜ ଦ୍ରବ୍ୟ ଠେବା । ତବ ଚରଣରଜ ସେବା । ମାଗାଣେଁ ହେଚି ଆତା । ତୁମ୍ହା ଦେବାଧିଦେବା, ଦେବାଧିଦେବା । ଆରତି ସାଇବାବା ।।୬ । ଇଚ୍ଛିତ ଦୀନ ଚାତକ । ନିର୍ମଳ ତୋୟ ନିଜସୁଖ । ପାଜାବେଁ ମାଧବାୟା । ସାମ୍ଭାଳ ଆପୁଲୀ ଭାକ । ଆରତି ସାଇବାବା । ସୌଖ୍ୟଦାତାର ଜୀବା । ।୭ ।

## -ଭାବାର୍ଥ-

ହେ ପ୍ରଭୁ ସାଇବାବା, ଆମେ ଆପଣଙ୍କର ଆରତି କରୁଛୁ । ହେ ସକଳ ଜୀବଙ୍କର ଆନନ୍ଦଦାତା, ଆପଣଙ୍କର ଏହି ସେବକ ଓ ଭକ୍ତମାନଙ୍କୁ ଆପଣଙ୍କର ଚରଣଧୂଳିରେ ଆଶ୍ରୟ ଦିଅନ୍ତୁ ଏବଂ ଆମର କାମନା ଓ ବାସନା ଗୁଡ଼ିକୁ ଧ୍ୱଂସ କରିଦିଅନ୍ତୁ । ଆପଣ ଆତ୍ମଲୀନ ରହନ୍ତି ଏବଂ ମୁମୁକ୍ଷୁମାନଙ୍କୁ ଈଶ୍ୱରଙ୍କର ଦର୍ଶନ କରାନ୍ତି । ଯାହାର ବ୍ୟାକୁଳତା ଓ ଭାବ ଯେପରି ଆପଣ ତାକୁ ସେପରି ଅନୁଭୂତି ଦିଅନ୍ତି । ହେ ଦୟାଳୁ ! ଆପଣଙ୍କର ମହିମା ଏହିପରି । ଆପଣଙ୍କର ନାମ ସ୍ମରଣ ଓ ଧ୍ୟାନ ଦ୍ୱାରା ସଂସାରର ସମସ୍ତ ଭୟ ଦୂର ହୋଇଯାଏ । ଆପଣଙ୍କର ବଚନର ଶକ୍ତି ଅନନ୍ୟ ଓ ଅତୁଳନୀୟ । ଆପଣ ସର୍ବଦା ଦୁଃଖୀ ଓ ଅସହାୟଙ୍କୁ ସହାୟତା କରିଥାନ୍ତି । ଏହି କଳିଯୁଗରେ ଆପଣ ସର୍ବବ୍ୟାପୀ ଦତ୍ତାବତାର, ସଗୁଣ ବ୍ରହ୍ମ ରୂପ ଧାରଣ କରିଛନ୍ତି । ଆପଣଙ୍କ ପାଖକୁ ଗୁରୁବାର ଆସୁଥିବା ଭକ୍ତମାନଙ୍କର ସାଂସାରିକ ଭୟକୁ ଆପଣ ଦୂର କରିଦିଅନ୍ତି । ହେ ଦେବାଧିଦେବ ! ଆପଣଙ୍କର ଚରଣ ସେବାରେ ମୋର ଦିନ ଯାଉ । ମେଘ ଯେପରି ଚାତକ ପକ୍ଷୀଙ୍କୁ ବିଶୁଦ୍ଧ ଜଳ ପ୍ରଦାନକରି ତା'ର ତୃଷା ହରଣ କରେ ସେହିପରି ଏହି ରଚନାକାରଙ୍କୁ ସୁଖ ପ୍ରଦାନ କରି ଆପଣଙ୍କର ବଚନ ରକ୍ଷା କରନ୍ତୁ ।

ଓଁ ଶ୍ରୀ ସାଇ ଯଶଃକାୟ ଶିରିଡ଼ିବାସିନେ ନମଃ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।